# ଆବେଦନ କରିଥିଲେ ୫୨୦୩, ୪୯ ହିତାଧିକାରୀ ଉପକୃତ

## ଜିଲାରେ ମୋ ଘର ଯୋଜନା ବିଫଳ

■ ଅନୁସୂଚିତ ଜାତି, ଜନଜାତି ବର୍ଗକୁ ମିଳିପାରିବନି ମୋ ଘର ଋଣ

ରାୟଗଡ଼ା,୨।୧(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବ ରାଜ୍ୟ ସରକାରଙ୍କ ସମୟରେ ୨୦୨୩ରେ ନିର୍ବାଚନକୁ ଟାର୍ଗେଟରେ ରଖି ଆରମ୍ଭ ହୋଇଥିଲା 'ମୋ ଘର ଯୋଜନା'। ଗରିବ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା, ଗୃହ ମରାମତି ଓ କୋଠରି ବଢ଼ାଇବା ପାଇଁ ମଧ୍ୟ କମ୍ ସୁଧ ହାରରେ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରିଥିଲେ । ଏବେ ନୂଆ ସରକାର ଆସିବା ପରେ ମୋ ଘର ଯୋଜନା ଦିଗହରା ହୋଇପଡ଼ିଛି । ଏହି ଯୋଜନାରେ ଜିଲାରେ ୫ ହଜାରରୁ ଅଧିକ ହିତାଧିକାରୀ ଆବେଦନ କରିଥିବାବେଳେ ମାତ୍ର ୪୯ଜଣ ଋଣ ପାଇଥିବା ଜଣାପଡ଼ିଛି । ତେବେ ରାୟଗଡ଼ା ଜିଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ହିତାଧିକାରୀ ଅଧିକ ରହିଥିବାରୁ ନିୟମାନୁସାରେ ସେମାନଙ୍କ ଜମି ପଟ୍ଟା ବ୍ୟାଙ୍କରେ ବନ୍ଧକ ରଖାଯିବାର ବ୍ୟବସ୍ଥା ନ ଥିବାରୁ ଜିଲାରେ ଏହି ଯୋଜନା ସଫଳ ରୂପାୟନ ହୋଇପାରି ନ ଥିବା କୁହାଯାଉଛି।

୨୦୨୩ରେ ପୂର୍ବ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିବା ସହ ହିତାଧିକାରୀଙ୍କୁ ଋଣ ପ୍ରଦାନ ପାଇଁ ବିଭିନ୍ନ ବ୍ୟାଙ୍କକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ଏହାପରେ ଜିଲାର ୧୧ଟି ବ୍ଲକ୍ କର୍ତ୍ତୃପକ୍ଷ ହିତାଧିକାରୀଙ୍କଠାରୁ ଆବେଦନ ପାଇଁ ଆହ୍ୱାନ କରିଥିଲେ। ସେହି କ୍ରମରେ ଇଚ୍ଛୁକ ହିତାଧିକାରୀ ଆବେଦନ କରିବା ପରେ ବ୍ଲକ୍ ତରଫରୁ ବିଭିନ୍ନ ବ୍ୟାଙ୍କକୁ ପ୍ରେରଣ ହୋଇଥିଲା। ସମଗ୍ର ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫ ହଜାର ୩୦୨ ଜଣ ଆବେଦନ କରିଥିଲେ। ସେଥିରୁ ୪୧୨୨ ଜଣଙ୍କ ଫର୍ମ ବ୍ୟାଙ୍କକୁ ଯାଞ୍ଚ ପାଇଁ ପଠାଯାଇଥିବାବେଳେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ଏହି ଯୋଜନା ଅନ୍ତର୍ଗତ ଋଣ ପ୍ରଦାନ କରିବାକୁ ବ୍ୟାଙ୍କ ରୋକ୍‌ଠୋକ୍ ମନାକରୁଥିବା ଅଭିଯୋଗ ହୋଇଛି। ମୋ ଘର ଯୋଜନାରେ ସର୍ବାଧିକ ୧୨୪୩ ଜଣ କାଶୀପୁର ବ୍ଲକରେ ଆବେଦନ କରିଥିବାବେଳେ ମାତ୍ର ୫ ଜଣ ଋଣ ପାଇଛନ୍ତି। ସେହିଭଳି ରାୟଗଡ଼ା ବ୍ଲକ୍‌ରେ ୭୨୭ ମଧ୍ୟରୁ ୬, ଗୁଣପୁର ବ୍ଲକ୍‌ରେ ୩୭୨ ମଧ୍ୟରୁ ୨, ମୁନିଗୁଡ଼ା ବ୍ଲକ୍‌ରେ ୨୬୭ ମଧ୍ୟରୁ ୧୧, ରାମନାଗୁଡ଼ା ବ୍ଲକ୍‌ରେ ୨୮୬ ମଧ୍ୟରୁ ୪, କୋଲନରା ବ୍ଲକ୍‌ରେ ୪୫୪ ମଧ୍ୟରୁ ୩, ପଦ୍ମପୁର ବ୍ଲକ୍‌ରେ ୩୬୭ ମଧ୍ୟରୁ ୯, ବିଷମକଟକ ବ୍ଲକ୍‌ରେ ୫୮୭ ମଧ୍ୟରୁ ୪, ଗୁଡ଼ାରି ବ୍ଲକ୍‌ରେ ୩୮୪ ମଧ୍ୟରୁ ୩ ଏବଂ କଲ୍ୟାଣସିଂହପୁର ବ୍ଲକ୍‌ରେ ୪୮୨ ମଧ୍ୟରୁ ମାତ୍ର ୨ ଜଣ ଋଣ ପାଇଛନ୍ତି। ଚନ୍ଦ୍ରପୁର ବ୍ଲକ୍‌ରେ ୧୩୩ ଜଣ ଆବେଦନକାରୀଙ୍କ ମଧ୍ୟରୁ ଜଣେ ମଧ୍ୟ ଯୋଜନାର ଲାଭ ପାଇନାହାନ୍ତି। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜଣେ ମଧ୍ୟ ହିତାଧିକାରୀ ଋଣ ପାଇ ନ ଥିବା ଜଣାପଡ଼ିଛି। ଯେଉଁ ୪୯ ଜଣ ଋଣ ପାଇଛନ୍ତି ସମସ୍ତେ ଅଣସଂରକ୍ଷିତ ବର୍ଗର ବୋଲି ସୂଚନା ମିଳିଛି। ସୂଚନା ମୁତାବକ ସରକାରୀ କଟକଣା କାରଣରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଜମି ପଟ୍ଟା ବନ୍ଧକ ସୂତ୍ରରେ ରଖିବାରେ ସମସ୍ୟା ଉପୁଜୁଛି ବୋଲି ବ୍ୟାଙ୍କର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ପଚାରିବାରୁ ଯେଉଁ ହିତାଧିକାରୀ ଆବେଦନ କରୁଛନ୍ତି ସେମାନଙ୍କ ଫର୍ମକୁ ଯାଞ୍ଚକରି ବ୍ୟାଙ୍କକୁ ପଠାଯାଉଛି । ତେବେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ କ୍ଷେତ୍ରରେ ରାଜସ୍ୱ ବିଭାଗ ୧୯୫୬ ଆଇନ ଏବଂ ଓଏଲ୍‌ଆର୍ ଆକ୍ଟ ଅନୁସାରେ ସେମାନଙ୍କ ଜମି ବ୍ୟାଙ୍କରେ ବନ୍ଧକ ରଖାଯାଇପାରିବ ନାହିଁ । ଅନ୍ୟପକ୍ଷେ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ ଆରମ୍ଭ ହୋଇଛି। ଏଥିରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ଜିଲା ପରିଷଦ ନିର୍ବାହୀ ଅଧିକାରୀ ଖେମୁଣ୍ଡୁ କହିଛନ୍ତି ।

## ଉମ୍ଭ ସମାଜ ବୈଠକ, ନୂତନ କାର୍ଯ୍ୟକର୍ତ୍ତା ଚୟନ



ବୈଠକରେ ଉପସ୍ଥିତ ଉମ୍ଭ ସମାଜର କର୍ମକର୍ତ୍ତା।

ଅମ୍ବାଦଳା,୨।୧(ରବୀନ୍ଦ୍ର ପଣ୍ଡା)

ମୁନିଗୁଡ଼ା ବ୍ଲକ୍ ଜଗଦଲପୁର ହାଟପଦାଠାରେ ପଞ୍ଚାୟତସ୍ତରୀୟ ଉମ୍ଭ ସମାଜ ବୈଠକ ସହ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁନିଗୁଡ଼ା ବ୍ଲକ୍‌ର ୧୭ଟି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ନାଇକ, ଧଙ୍ଗ ଭଦ୍ରବ୍ୟକ୍ତି ଏବଂ ଯୁବକମାନେ ଉପସ୍ଥିତ ରହିଥିଲେ । ବୈଠକକୁ ନୀଳାମ୍ବର ବିଭାର ପରିଚାଳନା କରିଥିବା ବେଳେ ମୁନିଗୁଡା ବ୍ଲକ ଉମ୍ଭ ସମାଜ ସଭାପତି ସୁବଳ ନାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ରାମ ପ୍ରକାଶ କରକରିଆ ସମ୍ପାଦକ କମଳ ହିଆଲ, ଟଙ୍କଧର କୁଶୁଲିଆ, ଅନଙ୍ଗ ନାଗ, ନରେନ୍ଦ୍ର ହିଆଲ, ଚିତ୍ରସେନ ସୁନା, ଦଇଖ କରକରିଆ, ସୁବାସ ବାଗ, ଦୟା ଟାକ୍ରି, ହାଡ଼ିପା ପାଲକିଆ, ସିଲେନ ଟାକ୍ରି, କମଳ ବିଭାର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ପାଲକା ଉପସ୍ଥିତ ଥିଲେ। ବୈଠକରେ ଜଗଦଲପୁର ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇ ସଭାପତି ଭାବେ ରୟେଲ ଶଙ୍କର କୁସୁଲିଆଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଉପସଭାପତି ଘନ କୁମାର, ସମ୍ପାଦକ ଭାବେ ନୀଳାମ୍ବର ବିଭାର, ଉପସମ୍ପାଦକ ହରିଶଚନ୍ଦ୍ର ବାଗ, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କରକରିଆ ଓ ଉପଦେଷ୍ଟା ଭାବେ ବୟେଲ ଚନ କୁସୁଲିଆ, ମନୋଜ କୁଶୁଲିଆଙ୍କୁ ଦାୟିତ୍ୱ ଦିଆଯାଇଛି। ବିସର୍ବ ବାଗ, ପବିତ୍ର କୁମାର, ପ୍ରଫୁଲ୍ଲ ନାଗ, ଶଙ୍କର ବାଗ, ରବି ବାଥଲିଆ, ରହିତ୍ ବାଗ, ରୟେଲ ରସନ, ଜଗନ୍ନାଥ ଟାକ୍ରିଙ୍କୁ କାର୍ଯ୍ୟକର୍ତ୍ତା ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଉମ୍ଭ ସମାଜର ନିଆରା ପରମ୍ପରା ଦିଆଲ ପରବ ମାଧ୍ୟମରେ ପ୍ରଶାସନ ନିକଟରେ ବିଭିନ୍ନ ସମସ୍ୟା ନେଇ ଅବଗତ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ଉମ୍ଭ ସମାଜର ସଂଖ୍ୟା ଅନୁପାତରେ ଶିକ୍ଷା କ୍ଷେତ୍ରରେ କେମିତି ସୁବିଧା ସୁଯୋଗ ମିଳିବ ତାହା ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନୀଳାମ୍ବର ବିଭାର ମଞ୍ଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରହାସ୍ୟ ପାଲକିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରାୟଗଡ଼ା ଲୋକ ମହୋତ୍ସବ 'ଚଇତି' ଦ୍ୱିତୀୟ ସନ୍ଧ୍ୟା

ରାୟଗଡ଼ା,୨।୧(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଦେହାନ୍ତ ପାଇଁ ବନ୍ଦ ହୋଇଥିବା ମହୋତ୍ସବ ପୁଣି ଗୁରୁବାରଠାରୁ ଆରମ୍ଭ ହୋଇଛି। ୩ ଦିନବ୍ୟାପୀ ଶନିବାର ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଇତି ଦ୍ୱିତୀୟ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଓ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷ ଯୋଗଦାନ କରିଥିଲେ। ସେହିଭଳି ଅତିଥି ଭାବେ ଜିଲାର ସମସ୍ତ ୧୧ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଯୋଗଦେଇ ଲୋକ ମହୋତ୍ସବ ଚଇତି ପାଳନର ପ୍ରଶଂସା କରିଥିଲେ। ଚାଷ ଶେଷ ପରେ ଏହି ମହୋତ୍ସବ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଧୁମ୍ ମଚାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଦର୍ଶକ ଗୀତ ଓ ସଙ୍ଗୀତର ମଜା ଉଠାଇଥିଲେ। ସେହିଭଳି ଚଇତି ମଞ୍ଚରେ ଗୁଣପୁର ବ୍ଲକ୍ ଲାଞ୍ଜିଆ ସୌରା ଓ ବିଷମକଟକ ବ୍ଲକ୍‌ର ଡଙ୍ଗରିଆକନ୍ଧ ନୃତ୍ୟ ଚିତ୍ତାକର୍ଷକ ରହିଥିଲା। ଏତଦବ୍ୟତୀତ କାଶୀପୁର ବ୍ଲକର ଢେମସା ଓ ରାମନାଗୁଡା ବ୍ଲକର ମେରିୟା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଜିଲା ସଂସ୍କୃତି ପରିଷଦ ଉପାଧ୍ୟକ୍ଷା ତଥା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।



ଚଇତି ମଞ୍ଚରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।

### ଜିରୋ ନାଇଟ୍ ସେଲିବ୍ରେଶନରେ ସଂଘର୍ଷ ଘଟଣା
### ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର୨।୧ (ସୁବାସ ଚନ୍ଦ୍ର ପାଢ଼ୀ)

ରମ୍ଭା ଥାନା ଅନ୍ତର୍ଗତ ଗଣ୍ଡାପଲ୍ଲୀ ଓଡିଆର୍‌ପି କଲୋନୀରେ ମଙ୍ଗଳବାର ଜିରୋନାଇଟ୍ ସେଲିବ୍ରେଶନ୍ ବେଳେ ଗୁଳି ଫୁଟିବା ସହ ଛୁରାମାଡ଼ ହୋଇଥିଲା। ଏଥିରେ ଗୁରୁତର ଜଣେ ଯୁବକଙ୍କ ଗୁରୁବାର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ପାରିକୁଦର ବସନ୍ତ କୁମାର ପରିଡା(୨୮)। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଛୁରା ଓ ଭୁଜାଲି ମାଡ ହୋଇଥିଲା। ମାତ୍ରାଧିକ ରକ୍ତସ୍ରାବ ଯୋଗୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ରମ୍ଭା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଅନ୍ୟ ୪ଜଣ ଆହତ ଏମ୍‌କେସିଜିରେ ଚିକିତ୍ସାଧୀନ ରହିଛନ୍ତି।

ଖଲ୍ଲିକୋଟ ରମ୍ଭା ଥାନା ଅନ୍ତର୍ଗତ ଡମୁଣି ଓଡିଆରପି କଲୋନିରେ ଜିରୋ ନାଇଟ ସେଲିବ୍ରେଶନ ବେଳେ କେତେଜଣ ଦୁର୍ବୃତ୍ତ ଆତଙ୍କ ଚଳାଇଥିଲେ। ସେମାନେ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିବା ସହିତ ଗୁଳି ଫୁଟାଇଥିଲେ। ଏହି ଘଟଣାରେ ଓଡିଆରପି କଲୋନିର ମାଧବ ନାହାକ, ତାଙ୍କ ଦୁଇ ପୁଅ ଚନ୍ଦନ ନାହକ, ମୋହନ ନାହକ, ଜ୍ୱାଇଁ ବସନ୍ତ ଓ ଅଜୟ ବେହେରା ନାମକ ଜଣେ ଯୁବକ ଆହତ ହୋଇଥିଲେ। ଅଜୟଙ୍କ କାନ୍ଧରେ ଗୁଳି ବାଜିଥିବା ବେଳେ ବସନ୍ତ ମଧ୍ୟ ଦୁର୍ବୃତ୍ତଙ୍କ ଛୁରାମାଡ଼ ଗୁରୁତର ହୋଇଥିଲେ। ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟଣା ଘଟିଥିବା କୁହାଯାଉଛି। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପଲ୍ଲିଶ୍ରୀ ମେଳା: ୬ ଦିନରେ ୩ କୋଟି ୪୮ ଲକ୍ଷ ବ୍ୟବସାୟ

ରାୟଗଡ଼ା, ୨।୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଲୋକ ମହୋତ୍ସବ 'ଚଇତି' ଉପଲକ୍ଷେ ୬ଦିନ ଧରି ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଭଲ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକରେ ରାଷ୍ଟ୍ରୀୟ ଶୋକବାର୍ତ୍ତା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଚଇତି ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲେ ମଧ୍ୟ ବିଭାଗୀୟ ଷ୍ଟଲ୍ ଏବଂ ପଲ୍ଲିଶ୍ରୀ ମେଳା ଜାରି ରହିଛି। ରାୟଗଡ଼ା ଓର୍‌ମାସ୍ ପକ୍ଷରୁ ଗତ ଡିସେମ୍ବର ୨୬ରୁ ଆରମ୍ଭ ହୋଇଥିବା ପଲ୍ଲିଶ୍ରୀ ମେଳାରେ ୬ ଦିନରେ ୩ କୋଟି ୪୮ ଲକ୍ଷ ୩୬ ହଜାର ୬୭୦ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଆଗକୁ ଆହୁରି ୩ ଦିନ ଥିବାରୁ ଭଲ ବ୍ୟବସାୟ ହେବା ନେଇ ଆଶା କରାଯାଉଛି ବୋଲି ଓର୍‌ମାସ ସହକାରୀ ଉପ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି ।

ପଲ୍ଲିଶ୍ରୀ ମେଳାର ପ୍ରଥମ ଦିନରେ ୩୬ ଲକ୍ଷ ୪୨ ହଜାର ୬୫୦ ଟଙ୍କା, ଦ୍ୱିତୀୟ ଦିନରେ ୪୯ଲକ୍ଷ ୮୩ ହଜାର ୮୦୦ଟଙ୍କା, ତୃତୀୟ ଦିନରେ ୬୭ଲକ୍ଷ ୮୬ହଜାର ୯୦୦ଟଙ୍କା, ଚତୁର୍ଥ ଦିନରେ ୭୯ଲକ୍ଷ ୯୬ହଜାର ୫୦୦ଟଙ୍କା ଏବଂ ପଞ୍ଚମ ଦିନରେ ୭୫ଲକ୍ଷ ୫୩ ହଜାର ୩୪୦ଟଙ୍କାର ବ୍ୟବସାୟ ହୋଇଥିବା ନେଇ ସୂଚନା ମିଳିଛି। ପଲ୍ଲିଶ୍ରୀ ମେଳାରେ ଜିଲାର ଗ୍ରାମୀଣ ଉତ୍ପାଦନ, ହସ୍ତକଳା, ରାଜ୍ୟର ବିଭିନ୍ନ ଜିଲାର ବ୍ଲକ୍ ଓ ପଞ୍ଚାୟତରୁ ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ଉତ୍ପାଦିତ ସାମଗ୍ରୀ, ହସ୍ତକଳା ଉତ୍ପାଦର ପ୍ରଦର୍ଶନ ଏବଂ ବିକ୍ରୟ କରିବାର ସୁଯୋଗ ଦେଇଛି। ବିଶେଷକରି ରାୟଗଡ଼ା ଜିଲାର କୃଷି ଉତ୍ପାଦନ ମାଣ୍ଡିଆ, ତେନ୍ତୁଳି, ଫୁଲଝାଡୁ ସମେତ ଅନ୍ୟ କୃଷଜାତି ପଦାର୍ଥ, ଖାଦ୍ୟ ପଦାର୍ଥ ଆଦିକୁ ପ୍ରଦର୍ଶନ ସହ ବିକ୍ରୟ କରାଯାଉଛି। ପଲ୍ଲିଶ୍ରୀ ମେଳାରେ ଷ୍ଟଲ୍ ପାଇ ନିଜ ସାମଗ୍ରୀ ବିକ୍ରୟ କରୁଥିବା ବ୍ୟବସାୟୀ ତଥା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ବ୍ୟବସାୟକୁ ନେଇ ଖୁସିଥିବା କହିଛନ୍ତି ।



ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲରୁ ଗ୍ରାହକ ଟେରାକୋଟା ସାମଗ୍ରୀ କିଣୁଛନ୍ତି।

### ନବଜାତ ଶିଶୁକନ୍ୟା ମୃତଦେହ ଖାଇଲେ କାଉ

ପୁରୁଷୋତ୍ତମପୁର,୨।୧(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଦାମୋଦରପୁର ଗ୍ରାମ ନିକଟସ୍ଥ ରାସ୍ତାକଡ଼ ପଡ଼ିଆରେ ଗୁରୁବାର ଏକ ନବଜାତ ଶିଶୁକନ୍ୟାର ମୃତଦେହ ପଡ଼ି ରହିଥିଲା। ଏହାକୁ କାଉ ଖୁମ୍ପି ଖାଉଥିବା ଦେଖାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଶିଶୁକନ୍ୟା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲ ପଠାଇ ତଦନ୍ତ ଚଳାଇଛି। ଅବୈଧ ସମ୍ପର୍କରୁ କେହି ଶିଶୁଟିକୁ ଜନ୍ମଦେବାପରେ ଲୋକଲଜ୍ଜାରୁ ବର୍ତ୍ତିବାପାଇଁ ରାସ୍ତାକଡ଼ରେ ଫୋପାଡିଚାଲିଯାଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଏ ନେଇ ନଂ.୧/୨୫ ପ୍ରକାରେ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଶୁଶାନ୍ତ ମିଶ୍ର କହିଛନ୍ତି।

### ଘର କାନ୍ଥ ପଡ଼ି ଶ୍ରମିକଙ୍କ ମୃତ୍ୟୁ

ବାଲିଗୁଡ଼ା,୨।୧(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଘରର କାନ୍ଥ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ମାନେଶ୍ୱର ପ୍ରଧାନ। ତୁମୁଡ଼ିବନ୍ଧର ରାମପୁର ଛକରେ ଏପରି ଘଟଣା ଘଟିଛି। ରାମପୁର ଛକରେ ରହୁଥିବା ଅଖିଳ ଦାସଙ୍କ ପୁରୁଣା ଘର ଭାଙ୍ଗୁଥିବା ବେଳେ ମାନେଶ୍ୱରଙ୍କ ଉପରେ କାନ୍ଥ ପଡିଯିବାରୁ ସେ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ।

## ଦୁର୍ବୃତ୍ତଙ୍କୁ କାବୁ ବେଳେ ଆଇନଜୀବୀଙ୍କୁ ଆକ୍ରମଣ

ରାୟଗଡ଼ା,୨।୧(ଆଶିଷ ରଞ୍ଜନ ପଣ୍ଡା)

କିଛିଦିନର ନୀରବତା ପରେ ରାୟଗଡ଼ା ସହରରେ ପୁଣି ଥରେ ଚୋରି ଘଟଣା ବଢ଼ିବାରେ ଲାଗିଛି। ଚୋରି କରିବାକୁ ଆସିଥିବା ଦୁର୍ବୃତ୍ତଙ୍କୁ ଘର ମାଲିକ କାବୁକରିବା ବେଳେ ଜଣେ ଏକ ଲୁହାଛଡ଼ରେ ତାଙ୍କ ମୁଣ୍ଡକୁ ଆଘାତ କରି ତାଙ୍କ ହାତରୁ ବ୍ରେସ୍‌ଲେଟ୍ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ସହର କସ୍ତୁରୀନଗରଠାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ, କସ୍ତୁରୀନଗର ବାସିନ୍ଦା ତଥା ଆଇନଜୀବୀ ମାଧବ ପାଇକେଟି ଗୁରୁବାର ରାତିରେ ନିଜ ମା'ଙ୍କ ସହ ପୋଷା କୁକୁରକୁ ଧରି ବାହାରେ ବୁଲିବା ପରେ ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ଘର ଭିତରେ ପଶିଥିବା କେତେଜଣ ଦୁର୍ବୃତ୍ତ ମାଧବ ଏବଂ ତାଙ୍କ ମା'ଙ୍କୁ ଦେଖି ସେଠାରୁ ଦୌଡ଼ି ପଳାଇଥିଲେ। ତେଣୁ ମାଧବ ସେମାନଙ୍କୁ ଗୋଡ଼ାଇ ଜଣଙ୍କୁ କାବୁକରିଥିଲେ। ଏହି ସମୟରେ ଅନ୍ୟ ଜଣେ ଦୁର୍ବୃତ୍ତ ଲୁହାଛଡ଼ରେ ମାଧବଙ୍କ ମୁଣ୍ଡକୁ ଆଘାତକରିବା ସହ ତାଙ୍କ ହାତରୁ ବ୍ରେସ୍‌ଲେଟ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ମାଧବ ନିଜ ଏତଲାରେ ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କୁ ସୁରକ୍ଷା ଦେବା ସହିତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଓକିଲମାନେ ଦାବି କରିଛନ୍ତି। ଏହି ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।

## ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ



ଜି.ଉଦୟଗିରି,୨।୧ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଚିହ୍ନଟ ହୋଇଛି। ପ୍ରବଳ ଶୀତରେ ଥରୁଛି ସହର। ଗୁରୁବାର ଜି.ଉଦୟଗିରି ସହରର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ ଥିବା ରେକର୍ଡ କରାଯାଇଛି। ବୁଧବାର ମଧ୍ୟ ସହରର ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ରହିଥିଲା। କିଛି ଦିନ ବ୍ୟବଧାନ ପରେ ହଠାତ ଶୀତ ବଢିଥିବାରୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ଅତ୍ୟଧିକ କୁହୁଡ଼ି ଯୋଗୁ ୫୦ ମିଟର ଆଗକୁ ରାସ୍ତା ଦେଖାଯାଉନାହିଁ। ଫଳରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହେଉଛି। ଶୀତର ମଜା ନେବାକୁ ଜି.ଉଦୟଗିରିକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି। କଳିଙ୍ଗା ବନ ଉଦ୍ୟାନ, କୁର୍ମିଙ୍ଗିଆ ହିଲଟପ, ସିରିକି ପାର୍କ, କଫିବଗିଚା, କଳିଙ୍ଗା ଘାଟି ଦେଖିବାକୁ ପର୍ଯ୍ୟଟକମାନଙ୍କ ଭିଡ଼ ଜମୁଛି।

## ପ୍ରେମ ବିବାହ ପାଇଁ ପରିବାର ଲୋକେ କଲେନି ମୃତଦେହ ଦାହ

### ମୃତଦେହ ସତ୍କାର କଲେ ଏମ୍‌ପି ପ୍ରତିନିଧି

ଭଞ୍ଜନଗର,୨।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡର ବିଭୂତି ବାଡତ୍ୟା (୩୦) ବୁଧବାର ସଂନ୍ଧ୍ୟାରେ ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ମୁଜାଗଡ ଆସିଥିଲା। ମାତ୍ର ତାଙ୍କ ସ୍ତ୍ରୀଙ୍କୁ ଛାଡି ଦେଲେ ପରିବାରର ଅନ୍ୟ କେହି ଲୋକ ଦେଖିବାକୁ ମଧ୍ୟ ଆସିଲେନି। ଫଳରେ ମୃତଦେହ କିପରି ବ୍ୟବଚ୍ଛେଦ ହେବ ସେନେଇ ସ୍ତ୍ରୀ ଚିନ୍ତାରେ ପଡ଼ିଥିଲେ। ଏନେଇ ସୂଚନା ପାଇ ଜିଲା ପରିଷଦ ଏମ୍‌ପି ପ୍ରତିନିଧି ତଥା ଯୁବ ସମାଜିକ କର୍ମୀ ଶିବ ଶଙ୍କର ପ୍ରଧାନ ଏବଂ ତାଙ୍କ ସହଯୋଗୀ କୈଳାସ ଚନ୍ଦ୍ର ନାୟକ, ପଞ୍ଚାନନ ପ୍ରଧାନ, ଶ୍ରୀକାନ୍ତ ସ୍ୱାଇଁ, ଜିତୁ ସାହୁ, ମଣ୍ଟୁ ନାୟକ, ବଟକୃଷ୍ଣ ପ୍ରଧାନ ପ୍ରମୁଖ ଗ୍ରାମ ଶ୍ମଶାନରେ ବିଭୂତିଙ୍କ ମୃତଦେହ ସତ୍କାର କରିଥିଲେ। ଶିବଙ୍କ ଏହିଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି। ବିଭୂତିଙ୍କ ଘର ବୁଗୁଡ଼ା ବ୍ଲକରେ। ସେ ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ଜଣେ ମହିଳାଙ୍କୁ କିଛି ବର୍ଷ ତଳେ ପ୍ରେମବିବାହ କରିଥିଲେ। ପରେ ବିଭୂତି ସ୍ତ୍ରୀଙ୍କୁ ଧରି ସୁରାଟ ଚାଲି ଯାଇଥିଲେ। ସେଠାରେ କିଛି ମାସ ରହିବା ପରେ ମୁଜାଗଡ ଆସି ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ବିଭୂତିଙ୍କ ଜନ୍ମଦିନ ଥିଲା। ସେ ପରିବାରର କିଛି ଲୋକଙ୍କୁ ଫୋନ କରି ଜନ୍ମଦିନ କଥା କହିଥିଲେ। ମାତ୍ର ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ବିଭୂତି ହତୋତ୍ସାହିତ ହୋଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଜଳର ସୁପରିଚାଳନା, ସୁଷମ ବଣ୍ଟନ ଉପରେ ଗୁରୁତ୍ୱ

### ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମ୍ମିଳନୀ

ରାୟଗଡା, ୨।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌରାଞ୍ଚଳରେ ଥିବା ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ଆପଲ୍ଲାସ୍ୱାମୀ କାଡ୍ରାକା ଓ ସମ୍ମାନିତ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାସ୍କର ରଇତ, କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଡି. ସୁଧାକର କୁମାର, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଗୁଣପୁର ଉଠାଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ବିନୋଦ ଦାସ, ଅତିରିକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଶ୍ୟାମ ମୁର୍ମୁ, କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ଦୟାନିଧି ରାଉତ ଓ କ୍ଷୁଦ୍ର ଜଳସେଚନ ବିଭାଜନର ସମସ୍ତ ଅଧିକାରୀ ଏବଂ ସମସ୍ତ ପାଣି ପଞ୍ଚାୟତର ସଭ୍ୟମାନେ ଯୋଗଦେଇଥିଲେ। ଉକ୍ତ ସମାରୋହରେ ଜଳର ସୁପରିଚାଳନା, ସୁବିନିଯୋଗ ଏବଂ ସୁଷମ ବଣ୍ଟନରେ ପାଣିପଞ୍ଚାୟତର କାର୍ଯ୍ୟ ଓ ଏହାର ଭୂମିକା କ'ଣ ସେ ବିଷୟରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ୮ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ଜିଲାସ୍ତରୀୟ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ମଡେଲର ପ୍ରଦର୍ଶନୀ ପ୍ରତଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ମିଳନୀରେ ଉପସ୍ଥିତ ଥିବା ଚାଷୀ ଭାଇମାନେ ମଧ୍ୟ ସେମାନଙ୍କ ବକ୍ତବ୍ୟ ରଖିବା ସହ ସେମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ବିଧାୟକ ଏବଂ ଅତିରିକ୍ତ ଜିଲାପାଳଙ୍କ ଆଗରେ ଉପସ୍ଥାପନା କରିଥିଲେ। ବିଭାଗୀୟ ଅଧିକାରୀମାନେ ଚାଷୀଙ୍କ ପ୍ରଶ୍ନ ଉତ୍ତର ରଖିଥିଲେ।



ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ବିଧାୟକ, ଅତିରିକ୍ତଙ୍କ ଜିଲାପାଳଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ୮ ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୨।୧ (ଦୁର୍ଯ୍ୟୋଧନ ପାତ୍ର)

ବିଜାପୁରରେ ମାଓବାଦୀମାନେ ଖଞ୍ଜିଥିବା ୮ ଆଇଇଡି ବୋମାକୁ ଯବାନମାନେ ନିଷ୍କ୍ରିୟ କରିଛନ୍ତି । ଛତିଶଗଡ ବାସାଗୁଡ଼ା ଥାନା ଅନ୍ତର୍ଗତ ତିମାପୁର ଅଞ୍ଚଳରେ କୋବ୍ରା ଯବାନମାନେ ତଲାସି କରୁଥିଲେ। ଏହି ସମୟରେ ୬ ଆଇଇଡିକୁ ଠାବକରି ଯବାନମାନେ ଘଟଣାସ୍ଥଳରେ ନିଷ୍କ୍ରିୟ କରିଥିଲେ। ସେହିପରି ତାରିମ୍ ଜଙ୍ଗଲରେ ମଧ୍ୟ ଯବାନମାନେ ତଲାସି ବେଳେ ବନ୍ଦଲକା ନାଳ ନିକଟରେ ୩ କେଜି ଲେଖାଏ ୨ଟି ଆଇଇଡିକୁ ନିଷ୍କ୍ରିୟ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋରୁକୋଣ୍ଡା, ୨।୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନିଲାକାମ୍ବେରୁ ପଞ୍ଚାୟତ ସୋର୍ଲୁକୋଣ୍ଡା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ହୋଇଥିବା ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବାଲିମେଲା ଏନ୍ଏସିର ୧୨ନଂ. ୱାର୍ଡ ଗୌଡ଼ଗୁଡାସାହିରେ ରହୁଥିବା ବିଜୟ ଦାସ(୨୩)। ବିଜୟ ବାଇକ୍ ନଂ. ଓଡି -୩୦-ବି-୯୭୫୪ରେ ତାଣ୍ଡିକୋଣ୍ଡା ଗ୍ରାମରେ ଥିବା ଶଶୁରଙ୍କ ଘରକୁ ଯାଉଥିବା ସମୟରେ ସୋର୍ଲୁକୋଣ୍ଡା ଗ୍ରାମ ନିକଟ ରାସ୍ତାରେ କୌଣସି କାରଣରୁ ଭାରସାମ୍ୟ ହରାଇ ବାଇକ୍ଟି ଏକ ଗଛରେ ପିଟି ହୋଇଯାଇଥିଲା। ପଥଚାରୀମାନେ ତାଙ୍କୁ ବାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ମାଲକାନଗିରି ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବାଲିମେଲା ଏନ୍ଏସିର ୧୨ନମ୍ବର ୱାର୍ଡର କାଉନସିଲର ମଙ୍ଗୁଳି ହିଆଲ ଓର୍କେଲ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୬/୨୫ ରେ ମାମଲା ରୁଜୁକରବା ସହ ଏଏସ୍ଆଇ ବିଜୟ କୁମାର ବେନିଆଙ୍କ ନେତୃତ୍ୱରେ ଏକ ଟିମ୍ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଗୁରୁବାର ହସ୍ତାନ୍ତର କରିଥିବା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଉଛନ୍ତି।

### ବଦଳି ସତ୍ତ୍ୱେ ଯାଉନାହାନ୍ତି ଯନ୍ତ୍ରୀ

ସୁନାବେଡା/ସେମିଳିଗୁଡା, ୨।୧ (କୃତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଆରଆଣ୍ଡବି ଡିଭିଜନ ଅଧୀନ ସେମିଳିଗୁଡା-୨ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ବ୍ରହ୍ମାନନ୍ଦ ରଥଙ୍କ ୨ ମାସ ବଦଳି ସତ୍ତ୍ୱେ ସେ ଯାଉନଥିବା ଅଭିଯୋଗ ହୋଇଛି। ନିର୍ମାଣ ବିଭାଗ ପକ୍ଷରୁ ନଭେମ୍ବର ୮ରେ ବିଭିନ୍ନ ବିଭାଗୀୟ ଅଧିକାରଙ୍କ ବଦଳିକୁ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ସଂଖ୍ୟା ନଂ ୧୮୩୨୭/୨୪ରେ ସହକାରୀ ଯନ୍ତ୍ରୀ ରଥଙ୍କୁ ବଦଳି କରାଯିବା ସହ ସାଧାରଣ ପ୍ରଶାସନ (ଦୁର୍ନୀତି ନିବାରଣ ବିଭାଗ) କଟକରେ ପ୍ରତି ନିଯୁକ୍ତି ଭିତ୍ତିରେ ମୃତୟନ କରାଯିବାକୁ ନିର୍ଦ୍ଦେଶ ଥିଲା। ବଦଳିର ୨ ମାସ ବିତିଥିଲେ ସୁଦ୍ଧା ଯନ୍ତ୍ରୀ ଜଣଙ୍କ ନୂତନ ନିଯୁକ୍ତି ସ୍ଥାନକୁ ଯାଉନାହାନ୍ତି। ଗୋଟିଏ ଆଶ୍ଚର୍ଯ୍ୟର ବିଷୟ ଏଠାକାର ଅଧିକ୍ଷଣ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଅବସ୍ଥାପିତ ଅଧିକ୍ଷଣ ଯନ୍ତ୍ରୀ ଅର୍ଡର ସପ୍ତାହେ ମଧ୍ୟରେ ଯୋଗ ଦେଇଥିଲେ ମଧ୍ୟ ସେ ଚାଡ଼ି ଯିବାକୁ ଅମଙ୍ଗ ହେଉଛନ୍ତି। ଏ ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା କୋରାପୁଟ ଆରଆଣ୍ଡବି ବିଭାଗର ଅଧିକ୍ଷଣ ଯନ୍ତ୍ରୀ(ଏସ୍ଇ) ଶୁଭକାନ୍ତ ବାରିକଙ୍କୁ ପଚାରିବାରୁ, ସେମିତିରେ ସହକାରୀ ଯନ୍ତ୍ରୀ ସ୍ତରରେ ଅଭାବ ଥିବାରୁ ସେ ରହିଛନ୍ତି। ଅନ୍ୟପଟେ ଭିଜିଲାନ୍ସ ବିଭାଗରେ ମଧ୍ୟ ଆବଶ୍ୟକ ରହିଛି ତଥାପି ଯଦି ଉପରସ୍ତରରୁ କିଛି ଅର୍ଡର ଆସିବ ତେବେ ତୁରନ୍ତ ଛଡାଯିବ ବୋଲି କହିଛନ୍ତି।

### ଦେଶୀମଦ ଚାଲାଣ, ୨ ଗିରଫ

ଜୟପୁର, ୨।୧ (ପବନ ପାଣିଗ୍ରାହୀ)

ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢ଼ାଉକରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଇରିଗେଶନ କଲୋନିର ଦୀପିକା କଚ୍ଛପ ଓ ହରିଶ୍ଚନ୍ଦ୍ର ନୂଆଗୁଡାର ରଇଲା ଗାଦବା। ଜୟପୁର ଅବକାରୀ ଥାନା ଇରିଗେଶନ କଲୋନି ଓ ହରିଶ୍ଚନ୍ଦ୍ରଗୁଡାରେ ଚଢ଼ାଉକରି ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ୨ ମହିଳା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

# ମଣ୍ଡିରେ ଅବ୍ୟବସ୍ଥା: ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

ମାଲକାନଗିରି, ୨।୧ (ଦୁର୍ଯ୍ୟୋଧନ ପାତ୍ର)


ଚାଷୀମାନେ ଧାନବସ୍ତା ରଖି ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

ଧାନମଣ୍ଡିରେ ଅବ୍ୟବସ୍ଥାକୁ ନେଇ ରାଜରାସ୍ତାକୁ ଓହ୍ଲାଇଲେ। ବସ୍ତା ପକାଇ ରାସ୍ତା ଅବରୋଧ କରିବା ସହ ଧାରଣାରେ ବସିଲେ ଚାଷୀ । ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ବ୍ଲକ୍ ନାୟକଗୁଡ଼ା ସଦର ପଞ୍ଚାୟତରେ।

ସୂଚନା ଅନୁଯାୟୀ, ନାୟକଗୁଡ଼ା ପଞ୍ଚାୟତ ମଣ୍ଡିରେ ସପ୍ତାହକୁ ଥରେ ଚାଷୀଙ୍କ ଠାରୁ ଧାନ ଖରିଦ କରାଯାଉଥିବା ବେଳେ ସପ୍ତାହର ଗୋଟିଏ ଦିନରେ କେବଳ ୧ ହଜାର କୁଇଣ୍ଟାଲ ଧାନ ଖରିଦ କରିବା ଟାର୍ଗେଟ ରହିଛି। ତେବେ ସରକାର ଏହି ୧ ହଜାର କୁଇଣ୍ଟାଲ ଖରିଦ କରିବା ଯୋଗୁ ବହୁ ଚାଷୀ ହଇରାଣ ହେଉଛନ୍ତି। ମଣ୍ଡି ସରିବା ସମୟରେ ବହୁ ଚାଷୀ ଧାନ ବିକ୍ରିକରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ମଧ୍ୟ ଏହି ଚାଷୀମାନେ ନାୟକଗୁଡ଼ା ମଣ୍ଡିରେ ଧାନ କ୍ରୟ ଟାର୍ଗେଟ ୧ ହଜାର କୁଇଣ୍ଟାଲରୁ ୨ ହଜାର କୁଇଣ୍ଟାଲକୁ ବୃଦ୍ଧି କରିବା ପାଇଁ ଲିଖିତ ଆକାରରେ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ ତାହା କରିନାହାନ୍ତି। ତେଣୁ ବାଧ ହୋଇ ଚାଷୀମାନେ ଗୁରୁବାର ୩୨୬ ନଂ. ଜାତୀୟ ରାଜପଥରେ ଧାନବସ୍ତା ପକାଇ ଅବରୋଧ କରିବା ସହ ମଣ୍ଡିରେ ଟାର୍ଗେଟ ବଢ଼ାଇବା ପର୍ଯ୍ୟନ୍ତ ଧାରଣାରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଜାତୀୟ ରାଜପଥରେ ଚାଷୀମାନେ ଧାରଣା ଦେଇଥିବାରୁ ଶହ ଶହ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକିଥିବା ଦେଖିବାକୁ ମିଳିଛି। ଖବର ପାଇ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ପହଞ୍ଚି ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବା ସହ ଯେପରି ଚାଷୀମାନଙ୍କ ସମସ୍ତ ଧାନ ବିକ୍ରି ହୋଇପାରିବ ସେ ନେଇ ଆଲୋଚନାକରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀମାନେ ଧାରଣାରୁ ହଟିଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ମାଲକାନଗିରି, ୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖାଦ୍ୟଶସ୍ୟ ଉତ୍ପାଦନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଜିଲାର ୬୯୨୩୪ ହେକ୍ଟର ଜମିକୁ କେନାଲ ଦ୍ୱାରା ଜଳ ଯୋଗାଇ ଦିଆଯାଉଛି। ଏହାର ସଦୁପଯୋଗ, ଜଳ ସଂରକ୍ଷଣ ଏବଂ ଉତ୍ପତ୍ତି ପାଇଁ ଚାରାରୋପଣର ଆବଶ୍ୟକତା ରହିଛି । ତେଣୁ ଜଳ ସଂରକ୍ଷଣ, ଭୂତଳ ଜଳର ବୃଦ୍ଧି, ଚାଷରେ ଜଳର ସୁବ୍ୟବହାର ଏବଂ ଅପବ୍ୟବହାର ନ କରିବା ଏହି ପାଣି ପଞ୍ଚାୟତରେ କୃଷକମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଡିସେମ୍ବର ୨୨ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଗୁରୁବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପୋଟେରୁ ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ ପୀତବାସ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ କୁମାର ମହାପାତ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସତୀଗୁଡ଼ା ଲଳିତ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ପାଣି ପଞ୍ଚାୟତର ଉଦ୍ଦେଶ୍ୟ ରବି ଫସଲରେ କିପରି ଜଳର ଅପବ୍ୟବହାର ନ କରି ଏହାର ବ୍ୟବହାର ଉପରେ ବୁଝାଇଥିଲେ। ମାଲକାନଗିରି ଜିଲା ସତୀଗୁଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ପୋଟେରୁ ଜଳସେଚିତ ପ୍ରକଳ୍ପ ଦ୍ୱାରା ଖରିଫ ଚାଷ ଏବଂ ରବି ଚାଷପାଇଁ ୬୯,୨୩୪ ହେକ୍ଟର ଜମିକୁ ଜଳଯୋଗାଇ ଦିଆଯାଉଛି। ଏଥିସହ କେନାଲ ମରାମତି, ଉପ କେନାଲ ମାଧ୍ୟମରେ ଜଳ କିପରି ଚାଷୀ ପାଇପାରିବେ ସେଥିପାଇଁ ପାଣି ପଞ୍ଚାୟତରେ ଭାଗୀଦାରୀ ଥିବା ଚାଷୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଯନ୍ତ୍ରୀ ସେଠୀ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଧ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

# ମଣ୍ଡିରେ ଧାନ ବିକ୍ରି ଅବ୍ୟବସ୍ଥାକୁ ନେଇ ପ୍ରଶାସନକୁ ଦାୟୀକଲେ ଚାଷୀ

ମାଲକାନଗିରି, ୨।୧ (ଗୌରୀ ଶଙ୍କର ପଣ୍ଡା)



ମାଲାକନଗିରି ଜିଲାରେ ଡିସେମ୍ବର ୧୬ ଦିନ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। କୌଣସି ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସମସ୍ୟା ରହିବ ନାହିଁ। ଏତିସହ କଟ୍‌ନି ଛଟ୍‌ନି କରାଯିବ ନାହିଁ ବୋଲି ଗଣମାଧ୍ୟମକୁ ସିଂଦେଓ କହିଥିଲେ। କିନ୍ତୁ କୋରୁକୋଣ୍ଡା ମଣ୍ଡିରେ ଶତାଧିକ ଚାଷୀ ଅବ୍ୟବସ୍ଥାକୁ ନେଇ ପ୍ରଶାସନକୁ ଚାଷୀ ବନମାଳୀ ପାତ୍ର, ଚକ୍ରଧର ହନ୍ତାଳ, କେଶବ ଧାକଡ, ଶଶୀ ପଣ୍ଡା ଓ ଚନ୍ଦ୍ର ଉରୁକା ପ୍ରମୁଖ

ଦାୟୀ କରିଛନ୍ତି। ୧୬ ତାରିଖରେ କୋରୁକୋଣ୍ଡା ମଣ୍ଡିକୁ ସ୍ଥାନୀୟ ବିଡିଓ ଉଦ୍‌ଘାଟନ କରିଥିଲେ। ୧୬ ତାରିଖରେ କୌଣସି ଧାନ ଲ୍ୟାମ୍ପସ୍ ତରଫରୁ କିଣାଯାଇ ନ ଥିଲା। ଅନେକ ଚାଷୀ ସେମାନଙ୍କ ଟୋକନ ପାଇ ମଣ୍ଡିକୁ ଧାନ ଆଣିଥିଲେ ମଧ୍ୟ କେଉଁ ମିଲର ଏହି ଧାନ ଉଠାଇବେ ତାହା ଅନ୍‌ଲାଇନରେ ଆସି ନ ଥିବା ମଣ୍ଡି ଦାୟିତ୍ୱରେ ଥିବା ଲ୍ୟାମ୍ପସ୍ କର୍ତ୍ତୃପକ୍ଷ କହିବା ସହ ଧାନ ଖରିଦ କରି ନ ଥିଲେ।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଟୋକନ ପାଇ ଆମେ ଧାନ ବିକ୍ରି ପାଇଁ ଆଣଥିବା ବେଳେ ମିଲରଙ୍କୁ ଏହି ମଣ୍ଡିରୁ ଧାନ ଉଠାଇବା ପାଇଁ ତାଲିକା ପ୍ରସ୍ତୁତ ହୋଇ ନ ଥିବା କିମ୍ବା ଅନ୍‌ଲାଇନ୍‌ରେ ଆସି ନ ଥିବା ଚାଷୀମାନଙ୍କ ପ୍ରତି ଅନ୍ୟାୟ । ଫଳରେ ସେହିଦିନ ୨ ହଜାର କୁଇଣ୍ଟାଲ ଧାନ ଆମ୍ଭେମାନେ ବିକ୍ରିକରିପାରିଥାନ୍ତୁ। ଗୋଟିଏ ମଣ୍ଡିରେ ଧାନ ବିକ୍ରି ନ ହେବା ଯୋଗୁ ପରବର୍ତ୍ତୀ ମଣ୍ଡିରେ ଚାଷୀଙ୍କ ଧାନ ପରିମାଣ ବଢ଼ିବାରେ ଲାଗିଛି। ଫଳରେ ଚାଷୀମାନେ ଠିକ୍ ସମୟରେ ଧାନ ବିକ୍ରି କରି ନ ପରିବା ଦ୍ୱାରା ମଣ୍ଡିରେ ପଡ଼ି ରହୁଛି। ତେଣୁ କର୍ତ୍ତୃପକ୍ଷ ଗୋଟିଏ ମଣ୍ଡିରେ ୨ ହଜାର କୁଇଣ୍ଟାଲ ଖରିଦ କରିବାକୁ ଟାର୍ଗେଟ ରଖିଥବା ବେଳେ ଏହାକୁ ବୃଦ୍ଧିକରି ୩ ହଜାର କୁଇଣ୍ଟାଲ ଟାର୍ଗେଟ ରଖାଗଲେ ଚାଷୀମାନଙ୍କ ସମସ୍ୟା ଦୂର ହେବ।

ଏ ସମ୍ପନ୍ଧରେ କୋରୁକୋଣ୍ଡା ଲ୍ୟାମ୍ପସ୍ ପରିଚାଳକ ଅଭିମନ୍ୟୁ ହାଲବା କହିଛନ୍ତି, ପ୍ରତି ମଣ୍ଡିରେ ୨ ହଜାର କୁଇଣ୍ଟାଲ ଧାନ ଖରିଦ କରିବା ପାଇଁ ଆମକୁ ନିର୍ଦ୍ଦେଶ ରହିଛି। ପ୍ରଥମ ଦିନ ମଣ୍ଡିରେ କେଉଁ ମିଲର ଧାନ ଉଠାଇବେ ତା'ର କୌଣସି ନିର୍ଦ୍ଦେଶ ଆସି ନ ଥିବାରୁ ଖରିଦ କରିପାରି ନ ଥିଲୁ। ତେବେ ଆମକୁ ପ୍ରତି ମଣ୍ଡିରେ ୨ ହଜାର କୁଇଣ୍ଟାଲ ଖରିଦ କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ଚାଷୀଙ୍କୁ ଟୋକନରେ ଅଧିକ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନରେ ଉଲ୍ଲେଖ ଥିବାରୁ ଚାଷୀମାନେ ଅଧିକ ଧାନ ଆଣୁଛନ୍ତି। ଫଳରେ ମଣ୍ଡିରେ ଧାର୍ଯ୍ୟ ଲକ୍ଷଠାରୁ ଅଧିକ ଧାନ ଗଚ୍ଛିତ ହେଉଛି । ତେବେ ପରବର୍ତ୍ତୀ ସମୟରେ ମିଲରଙ୍କ ତାଲିକା ଆସିଥିବାରୁ ମିଲରମାନେ ଠିକ୍ ସମୟରେ ଧାନ ଉଠାଇ ନେଉଛନ୍ତି। ତେବେ ଚାଷୀମାନେ ପ୍ରତି ମଣ୍ଡିରେ ଯେଉଁ ୩ ହଜାର କୁଇଣ୍ଟାଲ ଟାର୍ଗେଟ ପାଇଁ ଦାବି କରଛନ୍ତି, ଆମକୁ ନିର୍ଦ୍ଦେଶ ଆସିଲେ ଆମେ ୩ ହଜାର କୁଇଣ୍ଟାଲ ଖରିଦ କରିବୁ ବୋଲି କହିଥିଲେ।

### ଯୁବକଙ୍କୁ ହତ୍ୟା, ୪ ସାଙ୍ଗ ଥାନାରେ ଅଟକ

ବୋରିଗୁମ୍ମା, ୨।୧ (ବିଜୟ ସାହୁ)

ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ବିସିଂପୁର ଥାନା ଅଧିନ ନକୁଳଗୁଡା ଗ୍ରାମରେ ନୂତନ ବର୍ଷରେ ପିକ୍‌ନିକ୍ ପାଇଁ ଯାଇଥିବା ଜେଣ ଯୁବକଙ୍କୁ ତାଙ୍କ ସାଙ୍ଗମାନେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଜଗନ୍ନାଥ ମାଝୀ(୩୦)। ଏ ନେଇ ୪ ଜଣଙ୍କୁ ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଜଗନ୍ନାଥ ଓ ତାଙ୍କ ସାଙ୍ଗମାନେ ନୂତନବର୍ଷ ଉପଲକ୍ଷେ ଘର ପଛପଟେ ଭୋଜି କରୁଥିଲେ। ଗୁରୁବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବା ବଗିଚାରେ ଜଗନ୍ନାଥଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ବିସିଂପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ୦୧/୨୫ରେ ହତ୍ୟା ମାମଲା ରୁଜୁ ହୋଇଛି। କୋରାପୁଟରୁ ସାଇଣ୍ଟିଫିକ ଟିମ୍ ନକୁଳଗୁଡାରେ ପହଞ୍ଚି ଛାନଭିନ କରିଥିଲା। ପିକନିକରେ ସାମିଲ ହୋଇଥିବା ଜଗନ୍ନାଥଙ୍କ ୪ ସାଙ୍ଗଙ୍କୁ ହତ୍ୟା କରିଥିବା ସନ୍ଦେହରେ ବିସିଂପୁର ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଏସ୍‌ଡିପିଓ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଥିଲା।

# ବୋଲେରୋ ଓଲଟି ଜଣେ ମୃତ, ୪ ଆହତ

ଦାମନଯୋଡ଼ି, ୨।୧ (ମାନସ ରଞ୍ଜନ କର)

ନୂତନ ବର୍ଷରେ ସେମିଳିଗୁଡ଼ା ନିକଟସ୍ଥ ପୁଟିସିଲକୁ ପିକ୍‌ନିକ୍ କରିବାକୁ ଯାଉଥିବା ପେଣ୍ଡାଜାମ ଗାଁ ପାଖ ବ୍ରିଜ୍‌ରେ ବୋଲେରୋ ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଆହତ ହୋଇଛନ୍ତି। ମୃତକ ହେଲେ ଅଁଳାବାଡି କଲୋନି ଗୌଡ଼ସାହିର ମାଧବ ଗୌଡ଼(୨୮ବର୍ଷ)। ଆହତମାନେ ହେଲେ ଗୌଡ଼ସାହିର ପ୍ରକାଶ ଗୌଡ଼, ବାରଙ୍ଗାପୁଟର ଜିତୁ ମାଳି, ଶିବା ମାଳି ଓ ଗଙ୍ଗାଧର ଗୌଡ଼। ପ୍ରକାଶ ଓ ଜିତୁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତଙ୍କୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜଣଙ୍କୁ ଘରକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ନୂତନ ବର୍ଷ ଥିବାର ୫ଜଣ ଯୁବକ ବୋଲେରୋ(ନଂ ଓଡି-୧୦ଡି-୮୨୮୨)ରେ ପୁଟିସିଲ ଯାଇ ଫେରିବା ବାଟରେ ପେଣ୍ଡାଜାମ ଗାଁ ନିକଟ ବ୍ରିଜ୍‌ରେ ଭାରସାମ୍ୟ ହରାଇ ବୋଲେରୋ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେମିଳିଗଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

# ନିୟନ୍ତ୍ରଣ ବାହାରେ ମାଛ, ମାଂସ ଦର ଧାର୍ଯ୍ୟ କରୁନି ପ୍ରଶାସନ

କୋରୁକୋଣ୍ଡା, ୨।୧ (ଶିବଦତ୍ତ ସାହୁ)

■ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

■ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ: ନିର୍ବାହୀ ଅଧିକାରୀ



ମାଲକାନଗିରି ଜିଲା ବାଲିମେଲା ସହରରେ ଦିନକୁ ଦିନ ମାଛ,ମାଂସ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଜାନୁଆରୀ ୧ରୁ ସହର ସମେତ କୋରୁକୋଣ୍ଡାରେ କେତେଜଣ ଆମିଷ ବେପାରୀ ସ୍ଥାନୀୟ ପ୍ରଶାସନର ବିନା ଅନୁମତିରେ ଏବଂ ବଣିକ ସଂଘ ସହ କୌଣସି ଆଲୋଚନା ନ କରି ମନଇଚ୍ଛା ଛେଳି ମାଂସ ଦର କିଲୋ ପିଛା ୧୦୦ ଟଙ୍କା ବୃଦ୍ଧି ଓ ମାଛ ବିକ୍ରି ହେଉଥିବା ଦରଠାରୁ ଅଧିକ ଟଙ୍କାରେ ବିକ୍ରି କରୁଥିବାରୁ ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ଖାସିମାଂସ ଯେଉଁ ଦରରେ ବିକ୍ରି ହେଉଛି ସେହି ଦରରେ ଅନ୍ୟ ଛେଳି ମାଂସ ବିକ୍ରି କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାଲିମେଲା ଓ କୋରୁକୋଣ୍ଡା ସଦର ମହକୁମା ସମେତ ବ୍ଲକ୍ ଅଧୀନ ବିଭିନ୍ନ ସ୍ଥାନରେ ଧାର୍ଯ୍ୟ ବାରରେ ହେଉଥିବା ସାପ୍ତାହିକ ହାଟରେ ରୋହି, ଭାକୁର, ମିରିକାଳି,କର୍ପୁ, ଗ୍ଲାସ୍ କପ୍ ଓ ଚିଙ୍ଗୁଡ଼ି ଆଦି ବିଭିନ୍ନ ମାଛର ଦର ପୂର୍ବରୁ ଯେତିକି ଥିଲା ବର୍ତ୍ତମାନ ତା'ଠାରୁ ୫୦ରୁ ୧୦୦ ଟଙ୍କା ଅଧିକ ଦରରେ କିଛି କରୁଥିବା ନେଇ ଅଞ୍ଚଳର ଖାଉଟିମାନେ ଅଭିଯୋଗ କରିଛନ୍ତି। ମାଛ କି.ଗ୍ରା.ପ୍ରତି ପୂର୍ବରୁ ୨୦୦ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ କେତେଜଣ ବେପାରୀ ଏହାକୁ ୨୨୦ରୁ ୨୫୦ଟଙ୍କାରେ ବିକ୍ରି କରୁଛନ୍ତି। ଚିତ୍ରକୋଣ୍ଡା ଡ୍ୟାମ୍ ଏବଂ ବିଭିନ୍ନ ଅଞ୍ଚଳରୁ ଆସୁଥିବା କଟା ମାଛରେ ଅହେତୁକ ଭାବେ ଦର ବୃଦ୍ଧିପାଇଛି। ବର୍ତ୍ତମାନ କଟାମାଛ କେଜି ପ୍ରତି୩୦୦ରୁ ଅଧିକ ଦରରେ ବିକ୍ରି ହେଉଛି। କଣ୍ଟିଆ, ପବତା, ବାଉଁଶପତ୍ରି, କରାଣ୍ଡି, ଫଳି, ମଉରାଳୀ ଭଳି ଛୋଟ ମାଛର ଦର ବର୍ତ୍ତମାନ କଟାମାଛ ଦରଠାରୁ ଅଧିକ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ଖାସି ମାଂସ କିଲୋ ପ୍ରତି ୭୦୦ ଟଙ୍କାରେ ବିକ୍ରି ହେଉଥିଲା, କିନ୍ତୁ ନୂଆ ବର୍ଷରୁ ୮୦୦ ଟଙ୍କାରେ ବିକ୍ରିକରାଯାଉଛି। ଫଳରେ ଗରିବ ଓ ମଧ୍ୟମ ଶ୍ରେଣୀର ଖାଉଟି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ଉପରୋକ୍ତ ଅଞ୍ଚଳରେ ବିକ୍ରି ହେଉଥିବା ଆମିଷ ଓ ପନିପରିବା ଦର ଧାର୍ଯ୍ୟ କରିବାକୁ ସେମାନେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ମାଛମାଂସ ଓ ପନିପରିବା ବିକ୍ରି ପାଇଁ ବ୍ୟବସାୟୀ ମାନଙ୍କ ସୁବିଧା ନିମନ୍ତେ ବାଲିମେଲା ଏନ୍ଏସିପକ୍ଷରୁ ଦୈନିକ ବଜାରରେ ବହୁ ଭେଣ୍ଡିଂ ଜୋନ୍ ଓ ଦୋକାନ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ବହୁ ବ୍ୟବସାୟୀ ପ୍ରଶାସନଙ୍କ ନିୟମକୁ ମାନି ଦୈନିକ ବଜାରରେ ବେପାର କରୁଥିବା ବେଳେ ଆଉ କେତେକେ ଅବମାନନାକରି ସହରର ବିଭିନ୍ନ ଅଞ୍ଚଳର ରାସ୍ତାକଡ଼ ତଥା ସ୍କୁଲ ପାଖରେ ମାଛ, ମାଂସ ବିକ୍ରି କରୁଛନ୍ତି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସ୍କୁଲ ପିଲାଙ୍କ ସହ ଲୋକ ଗନ୍ଧରେ ଯାଇପାରୁ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାଲିମେଲା ଏନ୍ଏସି ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କୁ ପଚାରିବାରୁ ଆମିଷ ବେପାରୀମାନେ ମାଛ ମାଂସ ଦର ବୃଦ୍ଧି କରିବା ପାଇଁ ବିଭାଗ ପକ୍ଷରୁ କୌଣସି ଅନୁମତି ନେଇନାହାନ୍ତି। ଏନ୍ଏସି କର୍ତ୍ତୃପକ୍ଷଙ୍କ ତରଫରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଅଭିଯୋଗ



ସୁନାବେଡା, ୨।୧ (କୃତିବାସ ପ୍ରଧାନ)

କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ପ୍ରାୟ ୫ କି.ମି. ଦୂର ଲାଣ୍ଡିଗୁଡ଼ା ନିକଟରେ ନିର୍ମାଣ ହୋଇଥିବା ସ୍ୱୟଂକ୍ରିୟ ଯାନ ପରିଚାଳନା ପରୀକ୍ଷଣ କେନ୍ଦ୍ରକୁ ୨ ଚକିଆ ଓ ୪ ଚକିଆ ଗାଡ଼ିର ଫିଟ୍‌ନେସ୍, ଆର୍‌ସି ରିନ୍ୟୁଆଲ ତଥା ଡ୍ରାଇଭିଂ ଟେଷ୍ଟ ପାଇଁ ଆସୁଥିବା ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ପରିବହନ ବିଭାଗ ଗାଡ଼ି ଯାଞ୍ଚ କରୁଥିବା କେନ୍ଦ୍ରକୁ ଭଲ ରାସ୍ତାଟିଏ ନ ଥିବା ବେଳେ ଆଶ୍ରୟସ୍ଥଳ ଓ ପିଇବା ପାଣି ସୁବିଧା ନାହିଁ। ଲୋକଙ୍କୁ ଯାଞ୍ଚ ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବା ଓ ଅଧିକାରୀ ଆସୁ ନ ଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ପୂର୍ବରୁ ଅଫିସ ପଛ ପଡ଼ିଆରେ ଏସବୁ କାର୍ଯ୍ୟ ହେଉଥିବା ବେଳେ ବର୍ତ୍ତମାନ କାଗଜପତ୍ର କାମ ପାଇଁ ନୂଆ ପଡ଼ିଆକୁ ଯିବାକୁ ପଡୁଛି। ଅସ୍ଥାୟୀ ଭାବେ ଥିବା ଡିଇଓ ଗାଡି ଯାଞ୍ଚ କରୁଥିବା ଅଭିଯୋଗ ହୋଇଛି। ଅନେକ ପଦସ୍ଥ କର୍ମଚାରୀ ଥିବା ସତ୍ତ୍ୱେ ବିଭାଗ ଜଣେ ଅସ୍ଥାୟୀ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଥିବା ନେଇ ପ୍ରଶ୍ନ ହୋଇଛି। ବିଭାଗ ଯଦି ମୌଳିକ ସୁବିଧା ଦେବାରେ ଅସମର୍ଥ ତା'ହେଲେ ପୂର୍ବପରି ପୁରୁଣା ପଡ଼ିଆକୁ ସ୍ଥାନାନ୍ତର କରାଯିବାକୁ ଦାବି ହୋଇଛି। ଏ ନେଇ ମୋଟର ଯାନ ଯାଞ୍ଚ ଅଧିକାରୀଙ୍କୁ ପଚାରିଲେ ସେଠାରେ ଠିଆ ହେବାକୁ ଜାଗା ନାହିଁ, ଖରାରେ କିଏ ଗାଡ଼ି ଯାଞ୍ଚ କରିବ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ରାଜେଶ ମାରାଣ୍ଡିଙ୍କୁ ପଚାରିବାରୁ, କିଛିଦିନ ମଧ୍ୟରେ ସମସ୍ତ ନିର୍ମାଣ କାମ ଶେଷ ହୋଇଯିବ। ବାଉଣ୍ଡ୍ରି କାମ ଚାଲିଛି, ଲୋକଙ୍କ ପାଇଁ ସେଡ୍ ଓ ୨ ନଳକୂଅ ସହ ସମସ୍ତ ବ୍ୟବସ୍ଥା କରାଯିବ। ଗାଡ଼ି ଯାଞ୍ଚ କରୁଥିବା ଅଧିକାରୀ ଖରାରେ ଯାଞ୍ଚ କରିବା ଅସମ୍ଭବ ମନ୍ତବ୍ୟକୁ ନାପସନ୍ଦ କରିବା ସହ ଅଧିକାରୀ ଏପରି କହିବା ଠିକ ନୁହେଁ ବୋଲି କହିଥିଲେ। ଅସ୍ଥାୟୀ କର୍ମଚାରୀ ଗାଡ଼ି ଯାଞ୍ଚ କରୁଥିବା ବିଷୟରେ ଜାଣି ନ ଥିବା ବେଳେ ବୁଝିବେ ବୋଲି କହିଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଶୋଭାଯାତ୍ରା

କୋରାପୁଟ, ୨।୧ (ଅମିତାଭ ବେହେରା)

କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସହରରେ ସଡକ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରୀ ସହର ପରିକ୍ରମା କରି ଟ୍ରାଫିକ ନିୟମ ଠିକ ଭାବେ ପାଳନ କରିବା, ମଦ ପିଇ ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ହେଲମେଣ୍ଟ ବ୍ୟବହାର କରିବା ଓ ସେଫ୍ଟି ବେଲ୍ଟ ପିନ୍ଧିବା ଆଦି ପ୍ଲାକାର୍ଡମାନ ଧରି ଜନସାଧାରଣମାନଙ୍କୁ ଅଧିକ ସଚେତନ କରିଥିଲେ। ଏଥିରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବେଟି ଓ ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ ।


ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

# ଚାଷୀଙ୍କୁ ଅଣଦେଖା ନେଇ ଅସନ୍ତୁଷ୍ଟ ୩ ବିଧାୟକ

କୋରାପୁଟ, ୨।୧ (ଅମିତାଭ ବେହେରା)

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ**


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକମାନେ ।

କୋରାପୁଟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଜଳ ସମ୍ପଦ ବିଭାଗ ଓଡ଼ିଶା ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଅଣଦେଖା ହେବା ନେଇ ୩ ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଯୁଗଳ କିଶୋର ଟାକ୍ରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୌଣସି ଚାଷୀଙ୍କ ଦେଖା ମିଳି ନ ଥିବା ବେଳେ ସେମାନଙ୍କୁ ଡକାଯାଇ ନ ଥିବାରୁ ବିଧାୟକ ମାଛ ଓ ବିଧାୟକ ସାଉଁନ୍ତା ଅସନ୍ତୋଷ ପ୍ରକାଶ କରି ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। କୋରାପୁଟ ଜିଲାରେ ପ୍ରାୟ ୮୦ ଭାଗ ଚାଷ ଉପରେ ନିର୍ଭର କରୁଛନ୍ତି। କୃଷି ଓ କୃଷକମାନଙ୍କର ସମୃଦ୍ଧି କରିବା ପାଇଁ ପାଣି ପଞ୍ଚାୟତ କାର୍ଯ୍ୟକ୍ରମ କରାଯାଉଛି। ପାଣିକୁ କିପରି ଉପଯୁକ୍ତ ଭାବେ ସଂରକ୍ଷଣ କରିବା ସହ ପାଣିକୁ କ୍ଷେତରେ ବିନିଯୋଗ କରିବା ଓ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ସ୍କିମ୍‌ରେ ସାମିଲ ହୋଇ ଚାଷୀ ଏହାର ଲାଭ ଉଠାଇପାରିବା ନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଜିଲାରେ ୮୦ ଭାଗ ଲୋକେ ଚାଷ ଉପରେ ନିର୍ଭର କରୁଥିବା ବେଳେ ୩୦ ଭାଗ ଚାଷୀଙ୍କ ଜମିକୁ ପାଣି ମାଡି ପାରୁନାହିଁ। ଅଧିକାରୀମାନେ ନିଜ ନିଜ ଭିତରେ କାର୍ଯ୍ୟକ୍ରମ କରି ଚାଷୀଙ୍କୁ ପ୍ରାଧାନ୍ୟ ଦେଉନାହାନ୍ତି। ସେହିପରି ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ତାଙ୍କ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନନ୍ଦପୁର, ପଟ୍ଟାଙ୍ଗୀ ଓ ସେମିଳିଗୁଡା ବ୍ଲକ୍ ଅଞ୍ଚଳରେ ବହୁ ଚାଷୀଙ୍କ ଜମିରେ ପାଣି ନ ଯୋଗାଇ ଜଳକର ଆସୁଥିବା ଅଭିଯୋଗ କରିଥିଲେ। ଏଦିଗରେ ତୁରନ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ଚାଷୀମାନଙ୍କୁ ସୂଚନା ଦିଆଯାଇ ନ ଥିବା କଥା ସେମାନେ କହିଛନ୍ତି। ଅଧିକାରୀମାନଙ୍କୁ ତାଗିଦ କରାଯାଇ ଚାଷ ଓ ଚାଷୀଙ୍କ ଉନ୍ନତି ପ୍ରତି ଦୃଷ୍ଟି ଦିଆଯିବ ବୋଲି ବିଧାୟକ ମାଛ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଆଲୋମଣି ସେଠୀ, ଜିଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମାଳତୀ ମାଝୀ, ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

